# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**9 September– 2026**

# ମୁଖ୍ୟମନ୍ତ୍ରୀ-ୟୁଏଇ

ଓଡ଼ିଶା ଓ ସଂଯୁକ୍ତ ଆରବ ଏମିରେଟ୍ସ ମଧ୍ୟରେ ଆର୍ଥିକ ସଂପର୍କକୁ ସୁଦୃଢ଼ କରିବା ସହିତ ଭିତ୍ତିଭୂମି, ନିବେଶ, ଶକ୍ତି କ୍ଷେତ୍ରରେ ଅଧିକ ସହଭାଗିତା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସଂଯୁକ୍ତ ଆରବ ଏମିରେଟ୍ସ ଗସ୍ତରେ ଯାଇ ଆବୁଧାବିଠାରେ ଉଚ୍ଚସ୍ତରୀୟ ନିବେଶ ଅଭିଯାନର ଶୁଭାରମ୍ଭ କରିଛନ୍ତି । ଗସ୍ତର ଦ୍ୱିତୀୟ ଦିନରେ ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟରେ ପୁଞ୍ଜି ନିବେଶ ଏବଂ ଶିଳ୍ପ ପ୍ରତିଷ୍ଠା ପାଇଁ ଏମିରେଟ୍ସର ପ୍ରମୁଖ ବ୍ୟବସାୟିକ ଅନୁଷ୍ଠାନ, ନିବେଶକ ଏବଂ ବ୍ୟବସାୟୀ ଗୋଷ୍ଠୀଙ୍କ ସହ ସିଧାସଳଖ ଆଲୋଚନା କରିବେ । ଏମିରେଟ୍ସର ସହଯୋଗରେ ଓଡ଼ିଶାରେ ପ୍ରଯୁକ୍ତିବିଦ୍ୟା, ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ନୂତନ ସୁଯୋଗ ସନ୍ଧାନ କରିବା ନେଇ ଆଜିଠାରୁ ଆବୁଧାବିଠାରେ ୩ ଦିନିଆ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

# ଜମିପଟ୍ଟା

ରାଜ୍ୟ ସରକାର ବସୁନ୍ଧରା ଯୋଜନାରେ ୩୪ ହଜାର ୨୫୧ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଜମି ପ୍ରଦାନ କରିଛନ୍ତି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ୨୦୨୪ ଓ ୨୦୨୫ ମସିହାରେ କରାଯାଇଥିବା ପ୍ରାରମ୍ଭିକ ସର୍ଭେ ଅନୁସାରେ, ରାଜ୍ୟରେ ମୋଟ୍

୧ ଲକ୍ଷ ୧ ହଜାର ୫୩୫ ଜଣ ଘରବାରୀ ନଥିବା ଲୋକଙ୍କୁ ଚିହ୍ନଟ କରାଯାଇଥିଲା । ସେମାନଙ୍କ ମଧ୍ୟରୁ  ପ୍ରାୟ ୪୫ ହଜାର ଯୋଗ୍ୟ ହିତାଧିକାରୀଙ୍କ ମଧ୍ୟରୁ ମାତ୍ର ୧୦ ହଜାର ୬୫୮ ଜଣଙ୍କୁ ଘର ଜମି ପଟ୍ଟା ପ୍ରଦାନ କରିବାକୁ ବାକି ରହିଛି ।

## ରାଜ୍ୟପାଳ-ପୁରୀ

ଭାରତର ପ୍ରାଚୀନ ଜ୍ଞାନ ପରମ୍ପରା ଓ ଭବିଷ୍ୟତର ସ୍ୱାସ୍ଥ୍ୟସେବାର ଆବଶ୍ୟକତା ମଧ୍ୟରେ ଆୟୁର୍ବେଦ ନୂତନ ଦିଗ ଦେବା ସହ ଏକ ଶକ୍ତିଶାଳୀ ସେତୁ ଭାବେ କାର୍ଯ୍ୟ କରିବ ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟୀ କହିଛନ୍ତି । ପୁରୀ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ସ୍ନାତକ ସମାରୋହରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ରାଜ୍ୟପାଳ କହିଛନ୍ତି, ରାଜ୍ୟ ସରକାର ପୁରୀରେ ସମସ୍ତ ପ୍ରକାର ଉତ୍ତମ ମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ କାର୍ଯ୍ୟ ଜାରି ରଖିଛନ୍ତି ।

## ସ୍ୱାସ୍ଥ୍ୟମନ୍ତ୍ରୀ

ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି, ପୁରୀ ଶ୍ରୀଜଗନ୍ନାଥ ମେଡ଼ିକାଲ କଲେଜ ଓ ହସ୍ପିଟାଲ ଖୁବ୍ ଶୀଘ୍ର ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ । ଚଳିତବର୍ଷଠାରୁ ୭ଟି ବିଭାଗରେ ପିଜି ପାଠ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ କାର୍ଡିଓଲୋଜି, ନ୍ୟୁରୋଲୋଜି, ନ୍ୟୁରୋସର୍ଜରୀ, ପ୍ଲାଷ୍ଟିକ୍ ସର୍ଜରୀ ଭଳି ୪ଟି ସୁପର ସ୍ପେଶାଲିଟି ବିଭାଗ କାର୍ଯ୍ୟକ୍ଷମ ହୋଇଛି । ସ୍ୱତନ୍ତ୍ର ହାଇଲେବୁଲ୍ କମିଟି ଦ୍ୱାରା ମେଡ଼ିକାଲ କଲେଜରେ ରହିଥିବା ଅନ୍ୟାନ୍ୟ

ସମସ୍ୟାର ସମାଧାନ କରାଯିବ ବୋଲି ଗତକାଲି ମେଡ଼ିକାଲ କଲେଜ ପରିଦର୍ଶନରେ ଯାଇ ଡକ୍ଟର ମହାଲିଙ୍ଗ ଏହା କହିଛନ୍ତି ।

## କପଡ଼ା ମଣ୍ଡି

କଟକରେ ଏକ ଅତ୍ୟାଧୁନିକ କପଡ଼ା ମଣ୍ଡି ଖୋଲାଯିବ । କଟକ ମହାନଗର ନିଗମର ୧୪୪ତମ ବୈଠକରେ ଅଧ୍ୟକ୍ଷତା କରି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କଷ୍ଣଚନ୍ଦ୍ର ମହାପାତ୍ର ଏହା କହିଛନ୍ତି। ଏହି ମଣ୍ଡିରେ ସହରର ପ୍ରତିଷ୍ଠିତ ବ୍ୟବସାୟୀଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ । ଏଥିସହ ସହରର ଟ୍ରାଫିକ୍ ଭିଡ଼ ହ୍ରାସ କରିବା ପାଇଁ ଏକ ସମନ୍ୱିତ ସିଟି ଡିକଞ୍ଜେସନ୍ ପ୍ଲାନ୍ କାର୍ଯ୍ୟକାରୀ କରାଯିବ ବୋଲି ଡକ୍ଟର ପାତ୍ର କହିଛନ୍ତି ।

## ଏନ୍ଏଲ୍ସି- ବୈଠକ

ଝାରସୁଗୁଡ଼ା ଓ ସମ୍ବଲପୁର ଜିଲ୍ଲାରେ ନୈଭେଲି ଲିଗ୍ନାଇଟ୍ କର୍ପୋରେସନ-ଏନ୍ଏଲ୍ସି କୋଇଲାଖଣି ଦ୍ୱାରା ବିସ୍ଥାପିତଙ୍କ ଥଇଥାନ ଓ ପୁନର୍ବାସ ସଂପର୍କିତ ଆର୍ପିଡିସି ବୈଠକ ଉତ୍ତରାଞ୍ଚଳ ରାଜସ୍ୱ କମିଶନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଖଣି ପ୍ରଭାବିତ ଓ ବିସ୍ଥାପିତଙ୍କ ପାଇଁ ଉଚିତ କ୍ଷତିପୂରଣ ଏବଂ ନିଯୁକ୍ତି ପାଇଁ ଏକ କମିଟି ଗଠନ କରାଯାଇଛି । ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ବୈଠକରେ ଯୋଗଦେଇ କହିଛନ୍ତି, ସରକାରଙ୍କ ପକ୍ଷରୁ ଯେଉଁ ପରାମର୍ଶ ଦିଆଯିବ, କମ୍ପାନୀ ତାହାର ଅନୁପାଳନ କରିବ ।

# ବଉଳା କୁମ୍ଭୀର

ଭିତରକନିକା ଜାତୀୟ ଉଦ୍ୟାନରେ ଚଳିତବର୍ଷ କୃତ୍ରିମ ପ୍ରଜନନ ଉପାୟରେ ୧୯ଟି ବଉଳା କୁମ୍ଭୀର ଶାବକ ଜନ୍ମ ହୋଇଛନ୍ତି ବୋଲି ରାଜନଗର ବନଖଣ୍ଡ ପକ୍ଷରୁ କୁହାଯାଇଛି । ଭିତରକନିକା ବନାଞ୍ଚଳର ଏକ ମାଈ କୁମ୍ଭୀର ବସାରୁ ଅଣ୍ଡା ସଂଗ୍ରହ କରାଯାଇ କୃତ୍ରିମ ପ୍ରଜନନ କୌଶଳରେ ଏହି କୁମ୍ଭୀରମାନଙ୍କର ଜନ୍ମ କରାଯାଇଛି । ବିଲୁପ୍ତ ପ୍ରାୟ ଏହି ବଉଳା କୁମ୍ଭୀରଙ୍କ ବଂଶବୃଦ୍ଧି ନିମନ୍ତେ ବନ ବିଭାଗ ପକ୍ଷରୁ ଏଠାରେ କୃତ୍ରିମ ପ୍ରଜନନ କେନ୍ଦ୍ର ଖୋଲାଯାଇଛି । ସୂଚନା ଅନୁସାରେ, ଭିତରକନିକା ଜାତୀୟ ଉଦ୍ୟାନରେ ୧ ହଜାର ୮୫୮ କୁମ୍ଭୀର ରହୁଛନ୍ତି ।ଚଳିତବର୍ଷ ଜାତୀୟ ଉଦ୍ୟାନରେ ମୋଟ୍ ୧୧୭ଟି କୁମ୍ଭୀର ବସା ଠାବ କରାଯାଇଛି ।

# ପ୍ରଶିକ୍ଷଣ ଶିବିର

ସୁବର୍ଣ୍ଣପୁର ଜିଲ୍ଲାର ସୋନପୁର ମହାବିଦ୍ୟାଳୟରେ ବିଭିନ୍ନ ବିପର୍ଯ୍ୟୟରୁ ଜୀବନ ରକ୍ଷା କୌଶଳ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା । ପ୍ରଶିକ୍ଷଣ ଶିବିରରେ ପ୍ରାୟ ୪୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ବର୍ଜ୍ୟବସ୍ତୁ ପରିଚାଳନା ସହିତ ବଜ୍ରପାତ, ବନ୍ୟା ଆଦି ବିଭିନ୍ନ ବିପର୍ଯ୍ୟୟରୁ ଆତ୍ମରକ୍ଷା ନିମନ୍ତେ ବିଭିନ୍ନ କୌଶଳ ସମ୍ବନ୍ଧରେ ପ୍ରଶିକ୍ଷଣ ଦିଆଯାଇଥିଲା ।

# କୃଷ୍ଣ ବଳରାମ ବେଶ

ଭାଦ୍ରବ କୃଷ୍ଣ ତ୍ରୟୋଦଶ ତିଥିରେ ଆଜି ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ନୀତି ପରେ ରତ୍ନସିଂହାସନରେ ଶ୍ରୀଜୀଉଙ୍କର କୃଷ୍ଣ ବଳରାମ ବେଶ ଅନୁଷ୍ଠିତ

ହେବ । ମହାହପ୍ରଭୁ ଶ୍ରୀଜଗନ୍ନାଥ ଶ୍ରୀକୃଷ୍ଣ ବେଶରେ, ବଡ଼ଠାକୁର ବଳଭଦ୍ର ବଳରାମ ଓ ଦେବୀ ସୁଭଦ୍ରା ଭଗିନୀ ରୂପରେ ଶୋଭା ପାଇବେ । ବର୍ଷକୁ ଥରେ ଆଜିର ଦିନରେ ଦେବୀ ସୁଭଦ୍ରା ଚାରିଭୁଜ ଧାରଣ କରିଥାନ୍ତି । ମହାପ୍ରଭୁଙ୍କୁ ଏହି ବେଶରେ ଖିରି ଓ ଅମାଲୁ ଭୋଗ ଅର୍ପଣ କରାଯିବାର ବିଧି ରହିଛି ।

---

# ପାଣିପାଗ

ପାଣିପାଗ ବିଭାଗର ସୂଚନା ଅନୁସାରେ ଆସନ୍ତା ଶୁକ୍ରବାର ବେଳକୁ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଉପକୂଳବର୍ତ୍ତୀ ଜିଲ୍ଲା ସମେତ କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି ।

---